PR No - 05/22.02.2024

OFFICE OF THE TAHASILDAR RARUAN, MAYURBHANJ

# ତହସିଲଦାରଙ୍କ କାର୍ଯ୍ୟାଳୟ::ରରୁଆଁ,ମୟୁରଭଞ୍ଜ

## ଇସ୍ତାହାର(Revenue Misc Case No.01/2023)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଜମିରେ **ପରିବହନ ବିଭାଗ ଓଡିଶା ସରକାରଙ୍କ ତରଫ ଆଞ୍ଚଳିକ ପରିବହନ ଅଧିକାରୀ ମୟୂରଭଞ୍ଜଙ୍କ ତରଫରୁ BLOCK LEVEL BUS STAND** ନିର୍ମାଣ ନିମନ୍ତେ ଏଲାଇନେସନ ସୁତ୍ରେ ହସ୍ତାନ୍ତର କରିବାର ପ୍ରସ୍ତାବ ହୋଇଅଛି । ଯେହେତୁ ଉକ୍ତ ଜମି ସର୍ବସାଧାରଣ ଖାତାରେ ଏବଂ କିସମ ପଡିଆ ଅଛି ଏଣୁ ଏହାର ପରିବର୍ତ୍ତନର ଆବଶ୍ୟକ ହେଉଅଛି ।ଏଣୁ ଏହି ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର **ପନ୍ଦର(୧୫)** ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତଫସିଲ**

| ମୌଜା ଓ ଥାନା ନଂ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) | ଆବଶ୍ୟକ ପରିବର୍ତ୍ତନ |
|---|---|---|---|---|---|
| ବଡରରୁଆଁ | ୪୧୩ (ସର୍ବସାଧାରଣ) | ୧୧୪୦<br>୧୧୪୨<br>୧୧୪୪ | ପଡିଆ<br>ପଡିଆ<br>ପଡିଆ | ୦.୧୦<br>୦.୪୦<br>୦.୭୦<br>**ମୋଟ ୧.୨୦** | ଖାତା-ଆବାଦ ଯୋଗ୍ୟ ଅନାବାଦୀ<br>କିସମ-ପତିତ |

ଏହାର ଏକ କିତା ନକଲ ବଡରରୁଆଁ ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉଚ୍ଚ ଧ୍ୱନି ବିସ୍ତାରକ ଯନ୍ତ୍ର ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକ କିତା ନକଲ ସରପଞ୍ଚ ବଡରରୁଆଁ ଗ୍ରାମପଞ୍ଚାୟତ , ରାଜସ୍ୱ ନିରିକ୍ଷକ ରରୁଆଁ ତାଙ୍କ ନୋଟିସ ବୋର୍ଡରେ ବିଜ୍ଞାପିତ କରିବାକୁ ପଠାଗଲା । ସେମାନଙ୍କର ମତାମତ ଯଦି ଥାଏ ତେବେ ନିର୍ଧାରିତ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ଅନୁରୋଧ ।

ଏହାର ଏକ କିତା ନକଲ ରରୁଆଁ ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

22.2.2024

ତହସିଲଦାର ରରୁଆଁ
Tahasildar
RARUAN

**ପରିପତ୍ର ସଂଖ୍ୟା** 367 //ତା 22/02/2024

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

22.2.202

ତହସିଲଦାର ରରୁଆଁ
Tahasildar
RARUAN